ଧରିତ୍ରୀ
DHARITRI

24th Feb, 2021

# ‘ମାତୃଭାଷା ସମସ୍ତଙ୍କର ହୃଦୟ’

ଜଟଣୀ,୨୩।୨(ଡି.ଏନ୍.ଏ.)

ଜଟଣୀ ଅରଗୁଳସ୍ଥିତ ଆଇଆଇଟି, ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଆଇଆଇଟି ଡାଇରେକ୍ଟର ପ୍ରଫେସର ଆର.ଭି. ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଫେସର ରାଜକୁମାର କହିଥିଲେ, ଭାଷାଗତ ଦୃଷ୍ଟିକୋଣରୁ ଭାରତର ବିଶେଷ ସ୍ଥାନ ରହିଛି। ଭାଷା ଏକ ଜାତିର ବା ମଣିଷର ପରିଚୟ। ମାତୃ ଭାଷା ସମସ୍ତଙ୍କର ହୃଦୟ। ଏହି ଅବସରରେ ମୁଖ୍ୟ ଅତିଥି ବାଗ୍‌ଚୀ କହିଥିଲେ, ଭାଷା ସମସ୍ତଙ୍କର ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇଆସିଛି। ଭାଷାଗତ ଦୃଷ୍ଟିକୋଣରୁ ଦେଶର ସଂସ୍କୃତି ବହୁ ପୁରାତାନ। ଭାଷାର କୌଣସି ସୀମା ନାହିଁ। ସମସ୍ତଙ୍କୁ ନିଜ ନିଜ ମାତୃଭାଷା ପ୍ରତି ଯତ୍ନବାନ ହେବା ସହିତ ଅନ୍ୟ ଭାରତୀୟ ଭାଷାକୁ ମଧ୍ୟ ଜାଣିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଆର.କେ. ପଣ୍ଡା, ପ୍ରଫେସର ଆର.ଭି. ପେଡିରେଡ୍ଡୀ, କୁଳସଚିବ ଡ.ସୁବୋଧ କୁମାର ଉପସ୍ଥିତ ଥିଲେ।